# The Orissa Gazette

**EXTRAORDINARY**
**PUBLISHED BY AUTHORITY**

**No. 1106, CUTTACK, SATURDAY, JUNE 7, 2008/ JAISTHA 17, 1930**

## HOUSING & URBAN DEVELOPMENT DEPARTMENT

NOTIFICATION

The 5th June 2008

**S. R. O. No. 304/**2008— Whereas the draft of certain rules further to amend the Orissa Municipal (Delimitation of Wards, Reservation of Seats and Conduct of Election) Rules, 1994 was published as required by Section 392 of the Orissa Municipal Act, 1950 (Orissa Act 23 of 1950), in the Extraordinary issue No.157, dated the 17th January, 2008 of the Orissa Gazette under the notification of the Government of Orissa in the Housing & Urban Development Department No.1636-Legis-III-OMR-1/2007-HUD., dated the 16th January, 2008 as S.R.O. No.35/2008, inviting objections and suggestions from all persons likely to be affected thereby till the expiry of the period of thirty days from the date of publication of the said notification in the Orissa Gazette ;

And whereas, objections and suggestions received on the said draft within the aforesaid period have been considered by the State Government;

Now, therefore, in exercise of the powers conferred by Section 387 of the said Act, the state Government do hereby make the following rules further to amend the Orissa Municipal (Delimitation of Wards, Reservation of Seats and Conduct of Election) Rules, 1994, namely:—

**1.**(1) These rules may be called the Orissa Municipal (Delimitation of Wards, Reservation of Seats and Conduct of Election) Amendment Rules, 2008.

(2) They shall come into force on the date of their publication in the Orissa Gazette.

**2.** In the Orissa Municipal (Delimitation of Wards, Reservation of Seats and Conduct of Election) Rules,1994 (hereinafter referred to as the said rules),in rule 2,

(a) after clause(h) , the following clause shall be inserted, namely :—

"(i) 'Presiding Officer' means any person appointed as such by the Election Officer to preside over the conduct of elections at one or more polling stations within the ward"; and

(b) the existing clauses "(i) to (m)" shall be renumbered as "(j) to (n)" respectively.

**3.** In the said rules, in rule 11, after the words "Election Officer" appearing in the last sentence, the words, "subject to appeal" shall be inserted; and `

(i) after rule 11, the following rule shall be inserted namely :—

"11-A . Any person aggrieved by the orders passed by the Election Officer, under rule 11 shall file an appeal petition before the District Magistrate within five days from the date of completion of all works under rules 11 and 13 by the Election Officer. The District Magistrate shall within seven days from the last date of receipt of the appeal dispose of the appeal, by conducting a summary enquiry, either by himself or by an officer authorized by him not below the rank of Additional District Magistrate. The order passed by the District Magistrate as Appellate Authority shall be final".

**4.** In the said rules, in rule 15, in sub-rule (1), the words and figures "and 11-A" shall be inserted after the words and figure "rule 11".

**5.** In the said rules, in rule-23, in sub-rule(1), for the opening portion excluding clauses (a) to (d) the following shall be substituted, namely:—

" (I) As soon as notification by the State Government under sub-section (2) of Section-12 is published, the Election Commission shall by notification in the official gazette, appoint."

**6.** In the said rules, in rule 25, for sub-rule (3), the following sub-rule shall be substituted, namely :—

"(3) An elector shall not sign for more than one candidate".

**7.** In the said rules, in rule 29, in sub-rule (2), for clause (i), the following clause shall be substituted, namely :—

"(i) that the candidate is ineligible for contesting the election under section 16 of the Act."

**8.** In the said rules, in rule 30, —

(a) for the marginal heading, the following shall be substituted, namely:—

" Publication of valid nomination papers and final list of contesting candidates."

(b) for sub-rule (1), the following sub-rule shall be substituted, namely :—

"(1) *(a)* On completion of scrutiny of nomination, the Election Officer shall prepare a list of validly nominated candidates in Form No. XII for each Ward arrange them in alphabetical order in Oriya and publish it on the notice board of his office."

*(b)* After expiry of the period, within which candidature may be with-drawn under sub-rule(1) of rule 31, the Election Officer shall in Oriya, prepare a final list of contesting candidates for each ward in Form XII-A of persons whose nominations have not been rejected and who have not withdrawn their candidature and publish it on the notice board of his office not later than two days after the expiry of the period within which candidature may be withdrawn and at least four days before the date fixed for the polling.

*(c)* the words "Reservation Status ......." shall be mentioned at the right corner of the Form XII".

**9.** In the said rules, rule 33 shall be deleted.

**10.** In the said rules, in rule 35,—

(a) in sub-rule (1), after the word " forthwith" , the words" Presiding Officer and" shall be inserted;

(b) in sub-rule (2), after the words "provide for each," the words "Presiding Officer and" shall be inserted ; and

(c) in sub-rule (3), the words "The Polling Officer" shall be substituted by the words "The Presiding Officer."

**11.** In the said rules, in rule 40, in sub-rule (3), the words " The Polling Officer" shall be substituted by the words "The Presiding Officer".

**12.** In the said rules, in rule 42, the words " The Polling Officer" shall be substituted by the words " The presiding Officer".

**13.** In the said rules, in rule 45, in sub-rule (4), the words "The Polling Officer" shall be substituted by the words "The Presiding Officer".

**14.** In the said rules, in rule 46, the words "The Polling Officer" shall be substituted by the words "The Presiding Officer".

**15.** In the said rules, in rule 50, in sub-rule (2), the words "The Polling Officer" shall be substituted by the words "The Presiding Officer".

**16.** In the said rules, in rule 51,—

(i) the words "The Polling Officer" wherever occur shall be substituted by the words "The Presiding Officer", and

(ii) in sub-rule (1), the words " of a sum of rupees twenty in cash" shall be inserted after the words "A separate deposit" .

**17.** In the said rules, in rule 52, —

(a) for the proviso to sub-rule (1), the following proviso shall be substituted, namely:—

"Provided that if the Presiding Officer, a Polling Officer, Public Servant or Polling Agent is on duty at a polling station which is not in the ward in which he is entitled to record his vote, the Election Officer shall in addition to the certificate mentioned above furnish the Presiding Officer concerned with particulars regarding the name of and serial number and symbol assigned to the candidate standing for election in that ward and also with ballot paper relating thereto"; and

(b) in sub-rule (2), in clauses "(i) to (iii)", for the words "Polling Officer" wherever appear, the words "Presiding Officer" shall respectively be substituted".

**18.** In the said rules, in rules 53 to 57, the words "Polling Officer" wherever they appear, shall respectively be substituted by the words "Presiding Officer".

**19.** In the said rules, in rules "57C to 57K", the words "The Polling Officer" wherever they appear, shall respectively be substituted by the words "Presiding Officer".

**20.** In the said rules, in rule 61, the words "The Polling Officer" shall be substituted by the words "The Presiding Officer".

**21.** In the said rules, for Form-II, the following form shall be substituted, namely:—

**"FORM II**

**[ See rule 7 ]**

**Notice to file claims and objections**

The preliminary Electoral Roll of voters of Ward No………. of the Municipality/NAC/Corporation has been duly published for general information:—

Any person who claims to be entered in this roll and who is not entered in it or is entered in an incorrect place, or with incorrect particulars may put in a claim to the Election Officer to have his name entered or the rolls corrected.

Any person whose name is on this register and who objects to the correctness of the entry or to the inclusion of his own name or the name of any other person whose name is on the roll may prefer an objection to the Election Officer.

Claims shall be preferred in Form No. III and objection in Form IV. Copies of the Forms will be supplied free of cost by the Election Officer on application.

Claims and objections may be presented in person or sent by post or by messenger. They shall in all cases reach the Election Officer at………………………….. (give address in details here) before the termination of office hours on the …………

Presentation in person or delivery by messenger shall be during the office hours only.

Claims and objections which are not preferred in proper Form or are not received by the date and time aforesaid will be rejected.

All claims and objections received in time and in proper Form will be heard by Election Officer on……………………………. at……………………….(place).

**Election Officer…………………**

**Date………………………………."**

**22.** In the said rules, for Form-III, the following Form shall be substituted, namely:—

**"FORM III**
**[See rule 8 (2)]**

**Notice to claim for correction of Registry of Registration**

To

The Election Office of…………………..
Municipality/N.A.C/Corporation.

Sir,

I hereby give notice that I claim to have my name corrected/entered in the register of the electoral roll for the Ward No………………….. of ……………………………. Municipality/N.A.C/Corporation as follows:—

| Name in full of claimant and father's or husband's name also number on the preliminary roll. | Address, Holding No. Mahala, Ward No. | Age. |
|---|---|---|
| (1) | (2) | (3) |
| | | |

I declare that I am ordinary resident (within the meaning of Sections 19 and 20 of the Representation of People Act, (1950) of Holding No…………in……… Mahala ……………………………..Ward No. of…………………………Municipality/NAC/Corporation.

Yours faithfully,

**Signature of claimant"**

**23.** In the said rules, for Form XII, the following Form shall be substituted, namely:

## "FORM XII

### [See rule 30 (1)(a)]

### List of Valid Nominations

………………Municipality/NAC Ward No…….. Reservation Status…………….

| Serial No. | Name of Candidate | Communities to which candidates belong | Address of the candidate | (Symbol) as assigned to candidates | Whether eligible for reserved seat |
|---|---|---|---|---|---|
| (1) | (2) | (3) | (4) | (5) | (6) |

Note:—The poll will be taken on the ………………………………………. day of 200……….

Between………………………………………………and……………………at the Polling Station already notified.

**Election Officer"**

**24.** In the said rules, after Form XII, so substituted, the following Form shall be inserted, namely:

**"FORM NO.XII – A**

**[See rule 30(1)(b)]**

**FINAL LIST OF CONTESTING CANDIDATES**

…………………Municipality/N.A.C Ward No……… Reservation Status…………

| Sl. No. | Name of candidate | Communities to which candidates belong | Address of the candidate | (Symbol) as assigned to candidates | Whether eligible for reserved seat |
|---|---|---|---|---|---|
| (1) | (2) | (3) | (4) | (5) | (6) |
| | | | | | |

Note:– The poll will be taken on the ……………………………….day of 200………………

Between………………………**.**and………………………**..** at the Polling Station already notified.

**Election Officer."**

**25.** In the said rules, in Form XVIIC, for Part-II, the following part shall be substituted, namely:

**"PART-II**
**RESULT OF COUNTING**
**(See Rule-58(B)**

| **Sl. No.** | **Name of the Candidate** | **No. of votes recorded.** | | |
|---|---|---|---|---|
| | | **No. of votes as per EVM** | **No. of votes as per EDC** | **Total No. of votes [Col.(3) + (4)]** |
| (1) | (2) | (3) | (4) | (5) |
| 1 | | | | |
| 2 | | | | |
| 3 | | | | |
| 4 | | | | |
| 5 | | | | |
| 6 | | | | |
| 7 | | | | |
| 8 | | | | |
| | Grand total | | | |

Whether the total nos. of votes shown above tallies with the total No. of votes shown against item 3 Part I or any discrepancy noticed between the two totals.

Place:

Signature of Counting Supervisor

1.
2.
3.
4.
5.
6.
7.
8.

Place:

Date:

**Signature of Election Officer."**

[No. 15721-Legis-III-OMR-1/2007/HUD.]
By order of the Governor

R. R. MALLICK
Director, Municipal Administration &
Ex-Officio Additional Secretary to Government

## ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ

## ଅଧିସୂଚନା

ତା 5 ଜୁନ୍ 2008

ନଂ. 15721-ଲେଜିସ୍-III-ଓ.ଏମ୍. ଆର୍.-1/2007/ଗୃ.ପୌ. — ଯେହେତୁ ଓଡ଼ିଶା ପୌର (ୱାର୍ଡ ପରିସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, 1994 କୁ ଅଧିକତର ସଂଶୋଧନ କରିବା ପାଇଁ କେତେକ ନିର୍ଦ୍ଦିଷ୍ଟ ନିୟମାବଳୀର ଚିଠା ଓଡ଼ିଶା ପୌର ଅଧିନିୟମ, 1950 (1950ର ଓଡ଼ିଶା ଅଧିନିୟମ 23)ର ଧାରା 392 ଦ୍ୱାରା ଆବଶ୍ୟକ ହେବା ପ୍ରକାରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗର ଅଧିସୂଚନା ସଂଖ୍ୟା 1636-ଲେଜିସ୍-III-ଓ.ଏମ୍.ଆଇ-1/2007/ଗୃ.ପୌ., ତା. 16 ଜାନୁୟାରୀ, 2008 ମାଧ୍ୟମରେ ଓଡ଼ିଶା ଗେଜେଟ୍‌ର ଅଶାଧାରଣ ସଂଖ୍ୟା 157, ତା. 17 ଜାନୁୟାରୀ 2008 ରେ ଏସ୍. ଆର୍. ଓ. ସଂଖ୍ୟା 35/2008 ଭାବରେ ପ୍ରକାଶ କରାଯାଇ ଉକ୍ତ ଚିଠା ନିୟମାବଳୀ ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ଥିବା ସମସ୍ତ ବ୍ୟକ୍ତିଙ୍କ ଠାରୁ ଉକ୍ତ ଅଧିସୂଚନା ଓଡ଼ିଶା ଗେଜେଟ୍‌ରେ ପ୍ରକାଶିତ ହେବାର 30 ଦିନ କାଳାବଧିର ଅବସାନ ମଧ୍ୟରେ ଆପତ୍ତି ଓ ପ୍ରସ୍ତାବ ଆହ୍ୱାନ କରାଯାଇଥିଲା;

ଏବଂ ଯେହେତୁ ପ୍ରବୋକ୍ତ କାଳାବଧି ମଧ୍ୟରେ ଉକ୍ତ ଚିଠା ନିୟମାବଳୀ ସଂକ୍ରାନ୍ତରେ ମିଳିଥିବା ଆପତ୍ତି ଓ ପ୍ରସ୍ତାବ ଗୁଡ଼ିକ ଉପରେ ରାଜ୍ୟ ସରକାର ବିଚାର ବିମର୍ଶ କରିସାରିଛନ୍ତି;

ସୁତରାଂ ସଂପ୍ରତି ରାଜ୍ୟ ସରକାର ଉକ୍ତ ଅଧିନିୟମର ଧାରା 387 ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗକ୍ରମେ, ଓଡ଼ିଶା ପୌର (ୱାର୍ଡ ପରିମୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, 1994 କୁ ଅଧିକତର ସଂଶୋଧନ କରିବା ଲାଗି ଏତଦ୍ୱାରା ନିମ୍ନଲିଖିତ ନିୟମାବଳୀ ପ୍ରଣୟନ କରୁଅଛନ୍ତି, ଯଥା:—

**1.** *(1)* ଏହି ନିୟମାବଳୀ ଓଡ଼ିଶା ପୌର (ୱାର୍ଡ ପରିସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ସଂଶୋଧନ ନିୟମାବଳୀ, 2008 ନାମରେ ଅଭିହିତ ହେବ ।

(2) ଏହା ଓଡ଼ିଶା ଗେଜେଟ୍‌ରେ ପ୍ରକାଶିତ ହେବା ତାରିଖ ଦିନ ବଳବତ୍ତର ହେବ ।

**2.** ଓଡ଼ିଶା ପୌର (ୱାର୍ଡ ପରିସୀମା ନିର୍ଦ୍ଧାରଣ, ଆସନ ଆରକ୍ଷଣ ଓ ନିର୍ବାଚନ ପରିଚାଳନା) ନିୟମାବଳୀ, 1994 ( ଏହାପରେ ଉକ୍ତ ନିୟମାବଳୀ ଭାବେ ସୂଚିତ)ର ନିୟମ 2 ର,

(କ) ଖଣ୍ଡ (ଜ) ପରେ, ନିମ୍ନଲିଖିତ ଖଣ୍ଡଟି ଅନ୍ତଃସ୍ଥାପିତ ହେବ, ଯଥା:— (ଝ) ' ପୀଠାସୀନ ଅଧିକାରୀ' ଅର୍ଥ ୱାର୍ଡ ମଧ୍ୟରେ ଥିବା ଏକ ବା ଏକାଧିକ ଭୋଟ ଗ୍ରହଣ କେନ୍ଦ୍ରରେ ନିର୍ବାଚନ ପରିଚାଳନାକୁ ତତ୍ତ୍ୱାବଧାନ କରିବା ପାଇଁ ପୀଠାସୀନ ଅଧିକାରୀ ରୂପେ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ଯେ କୌଣସି ବ୍ୟକ୍ତି; ଏବଂ

(ଖ) ବିଦ୍ୟମାନ ଥିବା ଖଣ୍ଡ (ଝ) ରୁ (ଡ଼) ଯଥାକ୍ରମେ '(ଓ) ରୁ (ଢ) ଭାବରେ ପୁନଃ ସଂଖ୍ୟାଙ୍କିତ ହେବ ।

**3.** ଉକ୍ତ ନିୟମାବଳୀର ନିୟମ 11 ରେ, ଶେଷ ବାକ୍ୟରେ ଥିବା 'ନିର୍ବାଚନ ଅଧିକାରୀ' ଶବ୍ଦଗୁଡ଼ିକ ପରେ 'ଆବେଦନ ସାପେକ୍ଷ' ଶବ୍ଦଗୁଡ଼ିକ ଅନ୍ତଃସ୍ଥାପିତ ହେବ; ଏବଂ

(ଝ) ନିୟମ 11 ପରେ, ନିମ୍ନଲିଖିତ ନିୟମଟି ଅନ୍ତଃସ୍ଥାପିତ ହେବ; ଯଥା:—

" 11-କ । ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ନିୟମ 11 ଅନୁଯାୟୀ ପାରିତ ଆଦେଶ ଦ୍ୱାରା ବ୍ୟଥିତ କୌଣସି ବ୍ୟକ୍ତି ନିୟମ 11 ଓ 13 ଅନୁସାରେ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ସମସ୍ତ କାର୍ଯ୍ୟ ସମାପନ ହେବାର ପାଂଚ ଦିନ ମଧ୍ୟରେ, ମାଜିଷ୍ଟ୍ରେଟଙ୍କ ନିକଟରେ ଏକ ଆବେଦନ ଦାଏର କରିବେ । ଜିଲ୍ଲା ମାଜିଷ୍ଟ୍ରେଟ ନିଜ ଦ୍ୱାରା କିମ୍ବା ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ପାହ୍ୟା ଠାରୁ ନିମ୍ନ ପାହ୍ୟାରେ ନ ଥିବା ତାଙ୍କ ଦ୍ୱାରା ପ୍ରାଧିକୃତ କୌଣସି ଅଧିକାରୀଙ୍କ ଦ୍ୱାରା ଏକ ସରାସରି ତଦନ୍ତ ସଂଚାଳନ କରି ଆବେଦନ ପାଇବାର ଶେଷ ଦିନ ଠାରୁ ସାତଦିନ ମଧ୍ୟରେ ଆବେଦନକୁ ଫଏସଲା କରିବେ । ଅପିଲ ପ୍ରାଧିକାରୀ ହିସାବରେ ଜିଲ୍ଲା ମାର୍ଜିଷ୍ଟ୍ରେଟଙ୍କ ଦ୍ୱାରା ପାରିତ ଆଦେଶ ଚୂଡ଼ାନ୍ତ ହେବ ।

**4.** ଉକ୍ତ ନିୟମାବଳୀର ନିୟମ 15 ର ଉପ ନିୟମ (1) ରେ "ନିୟମ-11" ଶବ୍ଦ ଓ ଅଂକ ପରେ "ଏବଂ 11-କ" ଶବ୍ଦ ଓ ଅଂକ ଗୁଡ଼ିକ ଅନ୍ତଃସ୍ଥାପିତ ହେବ ।

**5.** ଉକ୍ତ ନିୟମାବଳୀର ନିୟମ 23ର ଉପ ନିୟମ (1) ର ପ୍ରାରମ୍ଭ ଭାଗରେ ଥିବା ଖଣ୍ଡ (କ) ରୁ (ଘ) ପର୍ଯ୍ୟନ୍ତ ବିଷୟ ବ୍ୟତୀତ ଅବଶିଷ୍ଟ ଅଂଶ ବଦଳରେ ନିମ୍ନଲିଖିତ ବିଷୟ ପ୍ରତିସ୍ଥାପିତ ହେବ, ଅର୍ଥାତ୍:—

"(I) ଧାରା 12 ର ଉପଧାରା (2) ଅନୁଯାୟୀ ରାଜ୍ୟ ସରକାର ଅଧିସୂଚନା ପ୍ରକାଶନ କରିବା ମାତ୍ରେ, ନିର୍ବାଚନ ଅଧିକାରୀ ଯଥାଶୀଘ୍ର ସରକାରୀ ଗେଜେଟ୍ ଜରିଆରେ ଅଧିସୂଚନା ପ୍ରକାଶକରି ନିଯୁକ୍ତ କରିବେ ।"

**6.** ଉକ୍ତ ନିୟମାବଳୀର ନିୟମ 25 ର ଉପନିୟମ (3) ବଦଳରେ ନିମ୍ନଲିଖିତ ଉପ ନିୟମଟି ପ୍ରତିସ୍ଥାପନ ହେବ, ଅର୍ଥାତ:—

"(3) ଜଣେ ନିର୍ବାଚକ ଏକାଧିକ ପ୍ରାର୍ଥୀଙ୍କ ପାଇଁ ସ୍ୱାକ୍ଷର କରିବେ ନାହିଁ ।"

**7.** ଉକ୍ତ ନିୟମାବଳୀର ନିୟମ 29 ର ଉପଧାରା (2) ର ଖଣ୍ଡ (i) ପାଇଁ, ନିମ୍ନଲିଖିତ ଖଣ୍ଡଟି ପ୍ରତିସ୍ଥାପିତ ହେବ, ଅର୍ଥାତ:—

"(i) ଏହିକି ଯେ ଅଧିନିୟମର ଧାରା 16 ଅନୁସାରେ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱଂଦିତା କରିବା ପାଇଁ ଅଯୋଗ୍ୟ ଅଟନ୍ତି ।"

**8.** ଉକ୍ତ ନିୟମାବଳୀର ନିୟମ 30 ରେ, —

(କ) ଧାରସ୍ଥ ଶୀର୍ଷକ ବଦଳରେ ନିମ୍ନଲିଖିତ ଶୀର୍ଷକ ପ୍ରତିସ୍ଥାପିତ ହେବ, ଅର୍ଥାତ :—

"ବିଧିମାନ୍ୟ ମନୋନୟନ କାଗଜାତ୍ର ପ୍ରକାଶନ ଏବଂ ପ୍ରତିଦ୍ୱଂଦିତା କରୁଥିବା ପ୍ରାର୍ଥୀମାନଙ୍କର ଚୂଡ଼ାନ୍ତ ତାଲିକା ।"

(ଖ) ଉପନିୟମ (1) ବଦଳରେ ନିମ୍ନଲିଖିତ ଉପ ନିୟମ ପ୍ରତିସ୍ଥାପିତ ହେବ, ଅର୍ଥାତ :—

"(I) (କ) ମନୋନୟନ ପତ୍ର ଯାଂଚ ଶେଷ ହେବା ପରେ, ନିର୍ବାଚନ ଅଧିକାରୀ ପ୍ରତି ୱାର୍ଡ ପାଇଁ ବିଧିମାନ୍ୟ ଭାବରେ ମନୋନୀତ ପ୍ରାର୍ଥୀମାନଙ୍କର ଏକ ତାଲିକା ଫର୍ମ ନଂ. XII ରେ ଓଡ଼ିଆ ବର୍ଣ୍ଣାନୁକ୍ରମରେ ପ୍ରସ୍ତୁତ କରିବେ ଓ ତାଙ୍କ କାର୍ଯ୍ୟାଳୟର ବିଜ୍ଞପ୍ତି ଫଳକରେ ତାହାକୁ ପ୍ରକାଶ କରିବେ ।"

(ଖ) ନିୟମ 31ର ଉପନିୟମ (1) ଅନୁଯାୟୀ ପ୍ରାର୍ଥୀପତ୍ର ପ୍ରତ୍ୟାହୃତ କରିବା ସମୟ ଅତିକ୍ରାନ୍ତ ପରେ ଯେଉଁ ପ୍ରାର୍ଥୀମାନଙ୍କର ପ୍ରାର୍ଥୀପତ୍ର ନାକଚ ହୋଇନଥିବ ଏବଂ ଯେଉଁମାନେ ସେମାନଙ୍କର ପ୍ରାର୍ଥୀପତ୍ର

ପ୍ରତ୍ୟାହର କରିନଥିବେ, ନିର୍ବାଚନ ଅଧିକାରୀ ପ୍ରତି ୱାର୍ଡ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସେହି ପ୍ରାର୍ଥୀମାନଙ୍କର ଏକ ଚୂଡ଼ାନ୍ତ ତାଲିକା ଫାରମ ନଂ. XII-(କ) ରେ ଓଡ଼ିଆରେ ପ୍ରସ୍ତୁତ କରିବେ ଏବଂ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବା କାଳାବଧିର ଦୁଇ ଦିନ ମଧ୍ୟରେ ଏବଂ ଅତିକମ୍‌ରେ ଭୋଟ ଗ୍ରହଣ ଚାରିଦିନ ପୂର୍ବରୁ ତାଙ୍କ କାର୍ଯ୍ୟାଳୟର ବିଜ୍ଞପ୍ତି ଫଳକରେ ତାହାକୁ ପ୍ରକାଶ କରିବେ ।

(ଗ) ଫାରମ XII ର ଡ଼ାହାଣ ପାର୍ଶ୍ୱସ୍ଥ କୋଣରେ "ଆରକ୍ଷଣ ମର୍ଯ୍ୟାଦା" ଶବ୍ଦଗୁଡ଼ିକ ଉଲ୍ଲେଖ କରାଯିବ ।"

**9.** ଉକ୍ତ ନିୟମାବଳୀରୁ ନିୟମ 33 ବିଲୁପ୍ତ ହେବ ।

**10.** ଉକ୍ତ ନିୟମାବଳୀର ନିୟମ 35 ର, —

(କ) ଉପନିୟମ (1) ରେ "ତତ୍‌କ୍ଷଣାତ୍" ଶବ୍ଦପରେ "ପୀଠାସୀନ ଅଧିକାରୀ" ଏବଂ ଶବ୍ଦଗୁଡ଼ିକ ଅନ୍ତଃସ୍ଥାପିତ ହେବ;

(ଖ) ଉପନିୟମ (2) ରେ "ପ୍ରତ୍ୟେକଙ୍କ ପାଇଁ ବ୍ୟବସ୍ଥା" ଶବ୍ଦଗୁଡ଼ିକ ପରେ "ପୀଠାସୀନ ଅଧିକାରୀ ଏବଂ "ଶବ୍ଦଗୁଡ଼ିକ ଅନ୍ତଃସ୍ଥାପିତ ହେବ; ଏବଂ

(ଗ) ଉପନିୟମ (3) ରେ "ଭୋଟ ଗ୍ରହଣ ଅଧିକାରୀ" ଶବ୍ଦ ଗୁଡ଼ିକ ବଦଳରେ "ପୀଠାସୀନ ଅଧିକାରୀ" ଶବ୍ଦଗୁଡ଼ିକ ପ୍ରତିସ୍ଥାପିତ ହେବ ।

**11.** ଉକ୍ତ ନିୟମାବଳୀର ନିୟମ 40ର, ଉପନିୟମ (3) ରେ "ଭୋଟ ଗ୍ରହଣ ଅଧିକାରୀ" ଶବ୍ଦଗୁଡ଼ିକ ବଦଳରେ "ପୀଠାସୀନ ଅଧିକାରୀ" ଶବ୍ଦଗୁଡ଼ିକ ପ୍ରତିସ୍ଥାପିତ ହେବ ।

**12.** ଉକ୍ତ ନିୟମାବଳୀର ନିୟମ 42ରେ, "ଭୋଟ ଗ୍ରହଣ ଅଧିକାରୀ" ଶବ୍ଦ ଗୁଡ଼ିକ ବଦଳରେ "ପୀଠାସୀନ ଅଧିକାରୀ" ଶବ୍ଦଗୁଡ଼ିକ ପ୍ରତିସ୍ଥାପିତ ହେବ ।

**13.** ଉକ୍ତ ନିୟମାବଳୀର ନିୟମ 45ର ଉପନିୟମ(4)ରେ "ଭୋଟ ଗ୍ରହଣ ଅଧିକାରୀ" ଶବ୍ଦଗୁଡ଼ିକ ବଦଳରେ "ପୀଠାସୀନ ଅଧିକାରୀ" ଶବ୍ଦଗୁଡ଼ିକ ପ୍ରତିସ୍ଥାପିତ ହେବ ।

**14.** ଉକ୍ତ ନିୟମାବଳୀର ନିୟମ 46ରେ "ଭୋଟ ଗ୍ରହଣ ଅଧିକାରୀ" ଶବ୍ଦଗୁଡ଼ିକ ବଦଳରେ "ପୀଠାସୀନ ଅଧିକାରୀ" ଶବ୍ଦଗୁଡ଼ିକ ପ୍ରତିସ୍ଥାପିତ ହେବ ।

**15.** ଉକ୍ତ ନିୟମାବଳୀର ନିୟମ 50 ର ଉପନିୟମ (2) ରେ, "ଭୋଟ ଗ୍ରହଣ ଅଧିକାରୀ" ଶବ୍ଦଗୁଡ଼ିକ ବଦଳରେ "ପୀଠାସୀନ ଅଧିକାରୀ" ଶବ୍ଦଗୁଡ଼ିକ ପ୍ରତିସ୍ଥାପିତ ହେବ ।

**16.** ଉକ୍ତ ନିୟମାବଳୀର ନିୟମ 51 ରେ,—

(i) ଯେଉଁସ୍ଥାନରେ "ଭୋଟ ଗ୍ରହଣ ଅଧିକାରୀ" ଶବ୍ଦଗୁଡ଼ିକ ଅଛି ସେଗୁଡ଼ିକ ବଦଳରେ "ପୀଠାସୀନ ଅଧିକାରୀ" ଶବ୍ଦଗୁଡ଼ିକ ପ୍ରତିସ୍ଥାପିତ ହେବ; ଏବଂ

(ii) ଉପନିୟମ (1) ରେ "ଗୋଟିଏ ପୃଥକ ଜମା" ଶବ୍ଦଗୁଡ଼ିକ ପରେ "ନଗଦ କୋଡ଼ିଏ ଟଙ୍କା" ଶବ୍ଦଗୁଡ଼ିକ ଅନ୍ତଃସ୍ଥାପିତ ହେବ ।

**17.** ଉକ୍ତ ନିୟମାବଳୀର ନିୟମ 52 ରେ, —

(କ) ଉପନିୟମ (I) ର ପରନ୍ତୁକ ବଦଳରେ, ନିମ୍ନଲିଖିତ ପରନ୍ତୁକଟି ଅନ୍ତଃସ୍ଥାପିତ ହେବ, ଅର୍ଥାତ:—

"ପରନ୍ତୁ ଯଦି ପୀଠାସୀନ ଅଧିକାରୀ, ଜଣେ ଭୋଟ ଗ୍ରହଣ ଅଧିକାରୀ, ଲୋକ ସେବକ କିମ୍ବା ଭୋଟଦାନ ଏଜେଣ୍ଟ ଯେଉଁ ୱାର୍ଡରେ ସେ ଭୋଟ ଦେବା ପାଇଁ ହକଦାର ନୁହଁନ୍ତି, ସେଭଳି ୱାର୍ଡରେ ଥିବା ଭୋଟଦାନ କେନ୍ଦ୍ରରେ କାର୍ଯ୍ୟରତ ଅଟନ୍ତି ତେବେ ନିର୍ବାଚନ ଅଧିକାରୀ ଉପର ବର୍ଣ୍ଣିତ ସାର୍ଟିଫିକେଟ ସହ ସଂପୃକ୍ତ ପୀଠାସୀନ ଅଧିକାରୀଙ୍କୁ ସେହି ୱାର୍ଡରେ ପ୍ରତିଦ୍ୱଂଦ୍ୱୀତା କରୁଥିବା ପ୍ରାର୍ଥୀଙ୍କ ନାମ ଓ କ୍ରମିକ ନମ୍ବର ଏବଂ ତାହାଙ୍କୁ ପ୍ରଦତ୍ତ ଚିହ୍ନ ଏବଂ ବାଲଟ ପେପର ସଂପର୍କୀୟ ସବିଶେଷ ବିବରଣୀ ପ୍ରଦାନ କରିବେ;" ଏବଂ

(ଖ) ଉପଧାରା (2) ର ଖଣ୍ଡ (i) ରୁ (iii) ରେ ଯେଉଁ ଯେଉଁ ସ୍ଥାନରେ "ଭୋଟ ଗ୍ରହଣ ଅଧିକାରୀ" ଶବ୍ଦଗୁଡ଼ିକ ରହିଥିବ, ସେହି ସେହି ସ୍ଥାନରେ "ପୀଠାସୀନ ଅଧିକାରୀ" ଶବ୍ଦଗୁଡ଼ିକ ଯଥାକ୍ରମେ ଉପସ୍ଥାପିତ ହେବ ।

**18.** ଉକ୍ତ ନିୟମାବଳୀର ନିୟମ 53 ରୁ 57 ରେ ଯେଉଁ ଯେଉଁ ସ୍ଥାନରେ "ଭୋଟ ଗ୍ରହଣ ଅଧିକାରୀ" ଶବ୍ଦଗୁଡ଼ିକ ରହିଥିବ ସେହି ସେହି ସ୍ଥାନରେ "ପୀଠାସୀନ ଅଧିକାରୀ" ଶବ୍ଦଗୁଡ଼ିକ ପ୍ରତିସ୍ଥାପିତ ହେବ ।

**19.** ଉକ୍ତ ନିୟମାବଳୀର ନିୟମ "57 ଗ ରୁ 57 ଟ" ର ଯେଉଁ ଯେଉଁ ସ୍ଥାନରେ "ଭୋଟ ଗ୍ରହଣ ଅଧିକାରୀ" ଶବ୍ଦଗୁଡ଼ିକ ରହିଥିବ ସେହି ସେହି ସ୍ଥାନରେ "ପୀଠାସୀନ ଅଧିକାରୀ" ଶବ୍ଦଗୁଡ଼ିକ ପ୍ରତିସ୍ଥାପିତ ହେବ ।

**20.** ଉକ୍ତ ନିୟମାବଳୀର ନିୟମ 61ରେ ଥିବା "ଭୋଟ ଗ୍ରହଣ ଅଧିକାରୀ" ଶବ୍ଦଗୁଡ଼ିକ ବଦଳରେ "ପୀଠାସୀନ ଅଧିକାରୀ" ଶବ୍ଦଗୁଡ଼ିକ ପ୍ରତିସ୍ଥାପିତ ହେବ ।

**21.** ଉକ୍ତ ନିୟମାବଳୀରେ ଫର୍ମ-II ବଦଳରେ ନିମ୍ନଲିଖିତ ଫର୍ମ ପ୍ରତିସ୍ଥାପିତ ହେବ, ଅର୍ଥାତ:—

**"ଫର୍ମ-II**

**[ ନିୟମ 7 ଦ୍ରଷ୍ଟବ୍ୟ ]**

**ଦାବି ଓ ଆପତ୍ତି ଦାଏର କରିବା ପାଇଁ ନୋଟିସ**

ପୌର ପାଳିକା / ଅଧିସୂଚୀତ କ୍ଷେତ୍ର ପରିଷଦ / ନିଗମର ୱାର୍ଡ ସଂଖ୍ୟା................ର ଭୋଟଦାତାମାନଙ୍କର ପ୍ରାଥମିକ ଭୋଟର ତାଲିକା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଯଥାବିଧି ପ୍ରକାଶ କରାଯାଇଛି :—

ଯେଉଁ ବ୍ୟକ୍ତି ଏହି ତାଲିକାରେ ଦରଜ କରାହେବା ପାଇଁ ଦାବି କରୁଥିବେ ଓ ଯାହାଙ୍କ ନାମ ଏଥିରେ ଦରଜ କରାଯାଇ ନଥିବ କିମ୍ବା ସଠିକ ସ୍ଥାନରେ କରାଯାଇ ନଥିବ ବା ଭୁଲ ବିବରଣୀ ସହ କରାଯାଇଥିବ, ସେ ତାଙ୍କ ନାମ ଦରଜ କରାଇବା ପାଇଁ ବା ତାଲିକା ସଂଶୋଧନ କରାଇବା ପାଇଁ ନିର୍ବାଚନ ଅଧିକାରୀଙ୍କ ନିକଟରେ ତାଙ୍କର ଦାବି ଉପସ୍ଥାପନ କରିପାରିବେ ।

ଯେଉଁ ବ୍ୟକ୍ତିଙ୍କ ନାମ ଏହି ରେଜିଷ୍ଟରରେ ରହିଥିବ ଓ ଯେଉଁ ବ୍ୟକ୍ତିଙ୍କର କରାଯାଇଥିବା ଦରଜର ସଠିକତା ସଂକ୍ରାନ୍ତରେ ଆପତ୍ତି କରିବାକୁ ଥିବ ବା ତାଙ୍କ ନିଜ ନାମ କିମ୍ବା ତାଲିକାରେ ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମ ଯୋଗ କରାଯାଇଥିବା ପ୍ରତି ଆପତ୍ତି କରିବାକୁ ଥିବ, ସେ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିପାରିବେ ।

ଦାବି ଗୁଡ଼ିକ ଫର୍ମ ନଂ. III ରେ ଓ ଆପତ୍ତିଗୁଡ଼ିକ ଫର୍ମ ନଂ. V ରେ ଦାଖଲ କରାଯିବ । ଦରଖାସ୍ତ କଲେ ଫର୍ମଗୁଡ଼ିକ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ବିନା ମୂଲ୍ୟରେ ଯୋଗାଇ ଦିଆଯିବ ।

ଦାବି ଓ ଆପତ୍ତିଗୁଡ଼ିକ ବ୍ୟକ୍ତିଗତ ଭାବରେ ଦାଖଲ କରାଯାଇ ପାରିବ କିମ୍ବା ଡ଼ାକଯୋଗେ ବା ବାର୍ତ୍ତାବହଙ୍କ ଦ୍ୱାରା ପଠାଯାଇପାରିବ । ସବୁ କ୍ଷେତ୍ରରେ ସେଗୁଡ଼ିକ ନିର୍ବାଚନ ଅଧିକାରୀଙ୍କ ଠିକଣା.......................................... (ଏଠାରେ ସଂପୂର୍ଣ୍ଣ ଠିକଣା ଦିଅନ୍ତୁ) ତା.............................. ରିଖ ସୁଦ୍ଧା କାର୍ଯ୍ୟାଳୟ ସମୟର ଅବସାନ ପୂର୍ବରୁ ପହଂଚିବା ଆବଶ୍ୟକ ।

ବ୍ୟକ୍ତିଗତ ଭାବରେ ଦାଖଲ କରିବା କିମ୍ବା ବାର୍ତ୍ତାବହଙ୍କ ଦ୍ୱାରା ପଠାଇବା କାର୍ଯ୍ୟ କେବଳ କାର୍ଯ୍ୟାଳୟ ସମୟ ମଧ୍ୟରେ କରାଯିବ ।

ଯେଉଁ ଦାବି ଓ ଆପତ୍ତିମାନ ଉଚିତ ଫର୍ମରେ କିମ୍ବା ଉପରୋକ୍ତ ତାରିଖ ଓ ସମୟ ମଧ୍ୟରେ ପ୍ରାପ୍ତ ହୋଇନଥିବ, ସେଗୁଡ଼ିକୁ ନାମଂଜୁର କରାଯିବ ।

ଯଥା ସମୟରେ ଓ ଉଚିତ ଫର୍ମରେ ପ୍ରାପ୍ତ ସମସ୍ତ ଦାବି ଓ ଆପତ୍ତିର ଶୁଣାଣି ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ତା...................... ରିଖରେ................................ସ୍ଥାନରେ କରାହେବ ।

**ନିର୍ବାଚନ ଅଧିକାରୀ**

**ତାରିଖ "**

**22.** ଉକ୍ତ ନିୟମାବଳୀରେ ଫର୍ମ-**III** ବଦଳରେ ନିମ୍ନଲିଖିତ ଫର୍ମ ପ୍ରତିସ୍ଥାପିତ ହେବ, ଅର୍ଥାତ:—

**"ଫର୍ମ - III**

**[ ନିୟମ 8 (2) ଦ୍ରଷ୍ଟବ୍ୟ ]**

**ରେଜିଷ୍ଟ୍ରେସନ ରେଜିଷ୍ଟର ସଂଶୋଧନ ପାଇଁ ଦାବି ନୋଟିସ**

ପ୍ରାପ୍ତେଷୁ,

ନିର୍ବାଚନ ଅଧିକାରୀ................................

ପୌରପାଳିକା / ଅଧିସୂଚୀତ କ୍ଷେତ୍ର ପରିଷଦ / ନିଗମ ।

ମହାଶୟ,

ଏତଦ୍‌ଦ୍ୱାରା ନୋଟି ଦେଉଅଛି ଯେ, ମୁଁ ....................................................... ପୌରପାଳିକା / ଅଧିସୂଚୀତ କ୍ଷେତ୍ର ପରିଷଦ / ନିଗମର ୱାର୍ଡ ସଂଖ୍ୟା.......................... ପାଇଁ ଭୋଟର ତାଲିକାର ରେଜିଷ୍ଟରରେ ନିମ୍ନମତେ ମୋର ନାମ ସଂଶୋଧନ / ଦରଜ କରାଇବା ପାଇଁ ଦାବି କରୁଅଛି:—

| ଦାବିଦାରଙ୍କ ସଂପୂର୍ଣ୍ଣ ନାମ, ପିତା ବା ସ୍ୱାମୀଙ୍କ ନାମ ଏବଂ ପ୍ରାଥମିକ ତାଲିକାରେ ଥିବା କ୍ରମିକ ସଂଖ୍ୟା | ଠିକଣା, ଘର ସଂଖ୍ୟା, ମହଲା, ୱାର୍ଡ ସଂଖ୍ୟା | ବୟସ |
|---|---|---|
| (1) | (2) | (3) |
| | | |

ମୁଁ ଘୋଷଣା କରୁଅଛି ଯେ' ମୁଁ.......................................... ପୌରପାଳିକା / ଅଧିସୂଚୀତ କ୍ଷେତ୍ର ପରିଷଦ / ନିଗମର ୱାର୍ଡ ସଂଖ୍ୟା............................ ମହଲା......................................... ଘରନମ୍ବର ............................... ର ଜଣେ ସାଧାରଣ ନିବାସୀ (ଲୋକ ପ୍ରତିନିଧିତ୍ୱ ଅଧିନିୟମ 1950 ର ଧାରା 19 ଓ 20 ର ଅର୍ଥ ଅନୁସାରେ) ଅଟେ ।

**ଆପଣଙ୍କର ବିଶ୍ୱସ୍ତ**

**ଦାବିଦାରଙ୍କ ସ୍ୱାକ୍ଷର ।"**

**23.** ଉକ୍ତ ନିୟମାବଳୀରେ ଫର୍ମ-**XII** ବଦଳରେ ନିମ୍ନଲିଖିତ ଫର୍ମ ପ୍ରତିସ୍ଥାପିତ ହେବ, ଅର୍ଥାତ:—

**"ଫର୍ମ- XII**

**[ ନିୟମ 30 (1)(କ) ଦ୍ରଷ୍ଟବ୍ୟ ]**

**ବିଧିମାନ୍ୟ ମନୋନୟନ ପତ୍ରଗୁଡ଼ିକର ତାଲିକା**

................................ ପୌରପାଳିକା / ଅଧିସୂଚୀତ କ୍ଷେତ୍ର ପରିଷଦ ୱାର୍ଡ ନଂ................. ଆରକ୍ଷଣ ମର୍ଯ୍ୟାଦା....................

| କ୍ରମିକ ସଂଖ୍ୟା | ପ୍ରାର୍ଥୀଙ୍କ ନାମ | ପ୍ରାର୍ଥୀ କେଉଁ ଗୋଷ୍ଠୀର ଅନ୍ତର୍ଭୁକ୍ତ | ପ୍ରାର୍ଥୀଙ୍କ ଠିକଣା | ପ୍ରାର୍ଥୀଙ୍କୁ ଦିଆଯାଇଥିବା ଚିହ୍ନ | ଆରକ୍ଷଣ କରାଯାଇଥିବା ଆସନ ପାଇଁ ଯୋଗ୍ୟ କି ? |
|---|---|---|---|---|---|
| (1) | (2) | (3) | (4) | (5) | (6) |
| | | | | | |

ଟିପ୍ପଣୀ:— ଭୋଟ ଗ୍ରହଣ ତା............................ ରିଖରେ ........................... ସମୟ ମଧ୍ୟରେ ଏବଂ...........................

ସ୍ଥାନରେ ଅଧିସୂଚୀତ ହୋଇସାରିଥିବା ଭୋଟ ଗ୍ରହଣ କେନ୍ଦ୍ରରେ ଅନୁଷ୍ଠିତ ହେବ ।

**ନିର୍ବାଚନ ଅଧିକାରୀ"**

**24.** ଉକ୍ତ ନିୟମାବଳୀରେ ପ୍ରତିସ୍ଥାପିତ ହୋଇଥିବା ଫର୍ମ - **XII** ପରେ ନିମ୍ନଲିଖିତ ଫର୍ମ ଅନ୍ତଃସ୍ଥାପିତ ହେବ, ଅର୍ଥାତ:—

**"ଫର୍ମ ନଂ - XII-କ**

**[ ନିୟମ 30 (1) (ଖ) ଦ୍ରଷ୍ଟବ୍ୟ ]**

**ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନଙ୍କର ଚୂଡ଼ାନ୍ତ ତାଲିକା ।**

................................ ପୌରପାଳିକା / ଅଧିସୂଚୀତ କ୍ଷେତ୍ର ପରିଷଦ ୱାର୍ଡ ନଂ................. ଆରକ୍ଷଣ ମର୍ଯ୍ୟାଦା...................

| କ୍ରମିକ ସଂଖ୍ୟା | ପ୍ରାର୍ଥୀଙ୍କ ନାମ | ପ୍ରାର୍ଥୀ କେଉଁ ଗୋଷ୍ଠୀର ଅନ୍ତର୍ଭୁକ୍ତ ? | ପ୍ରାର୍ଥୀଙ୍କ ଠିକଣା | ପ୍ରାର୍ଥୀଙ୍କୁ ଦିଆଯାଇଥିବା ଚିହ୍ନ | ଆରକ୍ଷଣ କରାଯାଇଥିବା ଆସନ ପାଇଁ ଯୋଗ୍ୟ କି ? |
|---|---|---|---|---|---|
| (1) | (2) | (3) | (4) | (5) | (6) |

ଟିପ୍ପଣୀ:— ଭୋଟ ଗ୍ରହଣ ତା............................ ରିଖରେ ............................ ସମୟ ମଧ୍ୟରେ ଏବଂ............................

ସ୍ଥାନରେ ଅଧିସୂଚୀତ ହୋଇସାରିଥିବା ଭୋଟ ଗ୍ରହଣ କେନ୍ଦ୍ରରେ ଅନୁଷ୍ଠିତ ହେବ ।

**ନିର୍ବାଚନ ଅଧିକାରୀ"**

**25.** ଉକ୍ତ ନିୟମାବଳୀରେ ଫର୍ମ -XVII ଗ ର ଭାଗ-II ବଦଳରେ ନିମ୍ନଲିଖିତ ଭାଗ ପ୍ରତିସ୍ଥାପିତ ହେବ, ଅର୍ଥାତ:—

**"ଭାଗ - II**

**ଗଣନାର ଫଳ**

**[ ନିୟମ-58 ଖ ଦ୍ରଷ୍ଟବ୍ୟ ]**

| କ୍ରମିକ ସଂଖ୍ୟା | ପ୍ରାର୍ଥୀଙ୍କ ନାମ | ଅଭିଲିଖିତ ହୋଇଥିବା ଭୋଟ ସଂଖ୍ୟା | | |
|---|---|---|---|---|
| | | ଇ. ଭି. ଏସ୍. ଅନୁଯାୟୀ ଭୋଟ ସଂଖ୍ୟା | ଇ. ଡ଼ି. ସି. ଅନୁଯାୟୀ ଭୋଟ ସଂଖ୍ୟା | ସମୁଦାୟ ଭୋଟ ସଂଖ୍ୟା ସ୍ତମ୍ଭ (3) + (4) |
| (1) | (2) | (3) | (4) | (5) |
| 1 | | | | |
| 2 | | | | |
| 3 | | | | |
| 4 | | | | |
| 5 | | | | |
| 6 | | | | |
| 7 | | | | |
| 8 | | | | |
| | **ଗାଏ ମୋଟ** | | | |

ଉପରେ ଦର୍ଶାଯାଇଥିବା ମୋଟ୍ ସଂଖ୍ୟା, ବିଷୟ ଓ ଭାଗ-I ପାର୍ଶ୍ୱରେ ଦିଆଯାଇଥିବା ଭୋଟଗୁଡ଼ିକର ମୋଟ ସଂଖ୍ୟା ସହ ମେଳଖାଉଛି ନା ଦୁଇ ମୋଟ ସଂଖ୍ୟା ମଧ୍ୟରେ କୌଣସି ଅସାମଂଜସ୍ୟ ଥିବାର ଦେଖାଯାଉଛି ।

ସ୍ଥାନ: ଗଣନା ପର୍ଯ୍ୟବେକ୍ଷକଙ୍କ ସ୍ୱାକ୍ଷର ।

1
2
3
4
5
6
7
8

ସ୍ଥାନ:

ତାରିଖ :

**ନିର୍ବାଚନ ଅଧିକାରୀଙ୍କ ସ୍ୱାକ୍ଷର "**

ରାଜ୍ୟପାଳଙ୍କ ଆଦେଶକ୍ରମେ

ଆର୍. ଆର୍. ମଲ୍ଲିକ

ନିର୍ଦ୍ଦେଶକ, ପୌର ପ୍ରଶାସକ-*ତଥା*-ଅତିରିକ୍ତ ଶାସନ ସଚିବ

**File NO. Legis-III-OMR-1/2007**

**Housing & Urban Development Department**

**STATEMENT OF OBJECTS AND REASONS**

1. The proposed amendments to the Orissa Municipal (Delimitation of Wards, Reservations of Seats and Conduct of Election) Rules, 1994 arisen upon the recommendation of the State Election Commission with a view to facilitating smooth conduct of Municipal Elections.

2. Accordingly, it is considered expedient to make amendments in the Orissa Municipal (Delimitation of Wards, Reservations of Seats and Conduct of Election) Rules, 1994.

**Member-*in*-charge**

Printed and published by the Director, Printing, Stationery and Publication, Orissa, Cuttack-10
Ex. Gaz. 436-193+350